Telephone: (0674)- 2397046, FAX: 2397186, EPABX: 2398769 Ext. 132
Email : aas_ouat@yahoo.com, Website : http://ouat.ac.in

କୃଷି-ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର- ୭୫୧୦୦୩

---

ଚିଠି କ୍ର.ସଂ. ୫୩୯ ସପ୍ତାହ କ୍ର.ସଂ– ୧୭ ତା–୨୪.୦୪.୨୦୧୨

(ସୌଜନ୍ୟ - ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

**ପ୍ରତି ମଙ୍ଗଳବାର ଓ ଶୁକ୍ରବାର ସନ୍ଧ୍ୟା ୬ ଟାରେ ଦୂରଦର୍ଶନ ଦ୍ୱାରା ପ୍ରସାରିତ ହେଉଥିବା କୃଷି ଦର୍ଶନ କାର୍ଯକ୍ରମର ଓୟୁଏଟି ତରଫରୁ ପାଣିପାଗ ଓ ପାଣିପାଗଭିତ୍ତିକ କୃଷି ଉପଦେଶ ଶୁଣନ୍ତୁ । ଏହା ବୁଧବାର ଓ ଶନିବାର ସକାଳେ ପୁନଃ ପ୍ରସାରିତ ହୋଇଥାଏ ।**

**ଅକ୍ଷୟ ତୃତୀୟା ଉପଲକ୍ଷେ ଓଡିଶାର ଅଗଣିତ ଚାଷୀଭାଇମାନଙ୍କୁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥିତ କୃଷି ପାଣିପାଗ ବିଭାଗ ତରଫରୁ ହାର୍ଦ୍ଦିକ ଶୁଭ କାମନା**

# ପାଣିପାଗ ପୂର୍ବାନୁମାନ

ଅନୁମାନ କରାଯାଉଛି ଯେ,

ମଙ୍ଗଳବାର ଦିନ ରହିଥିବା ଗରମ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଚାଲୁ ରହିବ । ସର୍ବୋଚ୍ଚ ତାପମାତ୍ରା ବୁଧବାର ଦିନ କେତେକ ସ୍ଥାନରେ ସାମାନ୍ୟ କମିଲେ ବି ଗୁରୁବାର ଦିନ ପୁଣି ବଢିବ ଏବଂ ତା'ପରେ ଶନିବାର ପର୍ଯ୍ୟନ୍ତ ପ୍ରାୟତଃ ଅପରିବର୍ତ୍ତିତ ରହିବ । ଗୁରୁବାରରେ ଗୁଳୁଗୁଳି ବଢିବ । ପ୍ରତ୍ୟେକ ଦିନ ରାଜ୍ୟର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅଦିନିଆ ବର୍ଷା ହେବାର ସମ୍ଭାବନା ରହିଛି, ଯାହାକି ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ହେବାର ସମ୍ଭାବନା ଅପେକ୍ଷାକୃତ ଅଧିକ ରହିଛି ।

## କୃଷି ଉପଦେଶ

### କ) ଶସ୍ୟ ଜାତୀୟ ଫସଲ

**ଖରାଟିଆ ଚାଷ**

- କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ । ଟ୍ରାକ୍ଟର କିମ୍ବା ପାୱାର ଟିଲରରେ ଚାଷ କଲେ ଗହୀର ଚାଷ ହେବା ସଙ୍ଗେ ସଙ୍ଗେ ମାଟି ଭଲଭାବରେ ତଳ ଉପର ହୋଇଥାଏ । ହଳ କରିବା ଦ୍ୱାରା ଜମିରୁ ବିଭିନ୍ନ ପ୍ରକାରର ଘାସ ଓ ମାଟି ଭିତରେ ଥିବା ପୋକର ଅଣ୍ଡା ଓ ଶୁକ ମଧ୍ୟ ନଷ୍ଟ ହୋଇଯାଆନ୍ତି । ମୁଖ୍ୟ ଫସଲରେ ରୋଗ ଓ ପୋକର ମାତ୍ରା ମଧ୍ୟ କମିଯାଏ ।

**ସଅଳ ରୁଆ ଡାଲୁଅ ଧାନ ଅମଳ**

- କେତେକ ସ୍ଥାନରେ ସଅଳ ଲଗାଯାଇଥିବା ଡାଲୁଅ ଧାନ ପାଚିବା ଅବସ୍ଥାକୁ ଆସିଯାଇଛି । ଶତକଡା ୮୫

ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟିଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷଥର ପାଇଁ ବିଲରେ ଥିବା ମିଶା ଧାନ କାଟି ଦିଅନ୍ତୁ । ଧାନ ଅମଳର ୭ ଦିନ ପୂର୍ବରୁ କିଆରୀରୁ ଜଳ ନିଷ୍କାସନ କରନ୍ତୁ ।

❖ ଧାନ କଟା ଯନ୍ତ୍ର ବ୍ୟବହାର କଲେ କମ୍ ଖର୍ଚ୍ଚରେ ଶୀଘ୍ର ଧାନ ଅମଳ କରାଯାଇପାରିବ ।

❖ ଉପରବେଳା ଅଦିନିଆ ମେଘ, ବର୍ଷା ଓ ପବନ ହେଉଥିବାରୁ ସକାଳବେଳା କଟାଯାଇଥିବା ଧାନ ବୋହିଆଣି ଖଳା ବା ନିରାପଦ ସ୍ଥାନରେ ସାଇତି ରଖନ୍ତୁ ।

## ବିଳମ୍ବ ରୁଆ ଧାନ

❖ ବର୍ତ୍ତମାନ ଦିନର ତାପମାତ୍ରା ବଢୁଥିବାରୁ ମୁଖ୍ୟ କିଆରୀରେ କାଣ୍ଡବିନ୍ଧା ପୋକ, ମହିଷା ରୋଗ ଓ ପତ୍ରମୋଡା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ଅଛି ।

| କ୍ର.ସଂ | ରୋଗପୋକ | ଆର୍ଥିକ କ୍ଷୟକ୍ଷତି ସୀମା | ନିୟନ୍ତ୍ରଣ ବ୍ୟବସ୍ଥା |
|---|---|---|---|
| ୧ | କାଣ୍ଡବିନ୍ଧା ପୋକ | ବର୍ଗମିଟର ପ୍ରତି ୧ ଟି ପ୍ରଜାପତି ବା ୧ ଟି ଅଣ୍ଡାପୁଞ୍ଜ ଅଥବା ଶତକଡା ୫ ମଲାମଞ୍ଜ | ଏକର ପ୍ରତି ୪୦୦ ମିଲି ଫସ୍ଫାମିଡନ ବା ମନୋକ୍ରୋଟଫସ ୨୦୦ ଲିଟର ପାଣିରେ ସିଂଚନ କରନ୍ତୁ । |
| ୨ | ପତ୍ରମୋଡା ପୋକ | ବୁଦାପ୍ରତି ୧ ରୁ ୨ଟି ସଦ୍ୟ ଆକ୍ରାନ୍ତ ପତ୍ର | ଏକର ପ୍ରତି ଲିଟର ପାଣିରେ ୨ ମିଲି ବିପିଭିନ୍ କିମ୍ବା ଫିପ୍ରୋନିଲ୍ କିମ୍ବା ହୋଷ୍ଟାଥିଅନ୍ କିମ୍ବା ୧ ମିଲି ଟ୍ରେବନ୍ ମିଶାଇ ସିଞ୍ଚନ କରନ୍ତୁ । |

## ନଳିତା

❖ ବର୍ତ୍ତମାନ ପାଗ ନଳିତା ବୁଣା ପାଇଁ ଉପଯୁକ୍ତ । ନଳିତା ଚାଷ ପାଇଁ ଉନ୍ନତ ବିହନ କିସମ ସଂଗ୍ରହ କରନ୍ତୁ ।

| ମଧୁର ନଳିତା | ପିତା ନଳିତା |
|---|---|
| ବୈଶାଖୀ ତୋଷା (ଜେ.ଆର୍.ଓ - ୬୩୨) | ସବୁଜ ସୋନା (ଜେ.ଆର୍.ସି - ୨୧୨) |
| ଚୈତାଳୀ ତୋଷା (ଜେ.ଆର୍.ଓ - ୮୭୮) | ଶ୍ୟାମଳୀ (ଜେ.ଆର୍.ସି - ୭୪୪୭) |
| ବାସୁଦେବ (ଜେ.ଆର୍.ଓ - ୭୮୩୫) | ବଳଦେବ(ଜେ.ଆର୍.ଓ - ୪୪୪୪) |
| ନବୀନ (ଜେ.ଆର୍.ଓ - ୫୨୪) | ଜୟଦେବ(କେସି -୧) |
| ରେବତୀ (ଜେ.ଓ ଏମ୍ - ୬୨) | |
| ମହାଦେବ (ଟି. ଜେ. -୪୦) | |

❖ ମଧୁର ନଳିତା ଅପ୍ରେଲ୍ ଶେଷ ପର୍ଯ୍ୟନ୍ତ ଓ ପିତା ନଳିତା ମେ ମାସରେ ବୁଣାଯାଇଥାଏ । ଏହି ନଳିତା କିସମ ଗୁଡିକରେ ତନ୍ତୁର ମାନ ଉନ୍ନତ ଓ ଏଥିରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ ।

❖ ଏକର ପ୍ରତି ଧାଡି ବୁଣା ପାଇଁ ପ୍ରାୟ ୨.୫ କିଗ୍ରା ବିହନ ଦରକାର ପଡିଥାଏ ।

❖ ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ପିତା ନଳିତରେ ୧୨ କିଗ୍ରା ଯବକ୍ଷାରଜାନ, ୧୨ କି.ଗ୍ରା ଫସଫରସ୍ ଓ ୧୨ କିଗ୍ରା ପଟାସ୍ ସାର ଓ ମଧୁର ନଳିତାରେ ୮ କିଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସଫରସ୍ ଓ ୮ କିଗ୍ରା ପଟାସ ସାର କୁ ମୂଳ ସାର ଆକାରରେ ଦିଅନ୍ତୁ ।

❖ ଧାଡିକୁ ଧାଡି ୨୫ ସେମି ବ୍ୟବଧାନ ରଖି ମଞ୍ଜିକୁ ୩ ସେମି ଗଭୀରରେ ବୁଣନ୍ତୁ ।

❖ ଏକର ପ୍ରତି ୨ ଲକ୍ଷ ସୁସ୍ଥ ସବଳ ଗଛ ରଖନ୍ତୁ ।

## ଆଖୁ

❖ ଆଗରୁ ଲଗାଯାଇଥିବା ଆଖୁ ୯୦ ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛନ୍ତୁ ଓ ଏକର ପ୍ରତି ୨୦ କିଗ୍ରା ଯବକ୍ଷାରଜାନ ଓ ୧୨ କିଗ୍ରା ପଟାସ୍ ସାରକୁ ଧାଡିରେ ପ୍ରୟୋଗ କରି ହୁଡା ଟେକନ୍ତୁ ।

❖ ଦିନର ତାପମାତ୍ରା ବଢ଼ିବାର ସମ୍ଭାବନା ଥିବାରୁ ଜଳସେଚନ କରନ୍ତୁ ।

❖ ଆଖୁ ଏକ ବର୍ଷକିଆ ଫସଲ ହୋଇଥିବାରୁ କେବଳ ବର୍ଷା ଋତୁକୁ ଛାଡି ଅନ୍ୟ ସମୟରେ ବିଶେଷ କରି ଗ୍ରୀଷ୍ମ ଋତୁରେ ଜଳସେଚନର ଆବଶ୍ୟକତା ଅଧିକ ଥାଏ । ଆଖୁ ଗଛର ବିଭିନ୍ନ ଅବସ୍ଥାକୁ ଆଖିରେ ରଖି ଜଳଶେଚନ କରିବାକୁ ପଡିଥାଏ। ପିଲ ବାହାରିବା ସମୟ- ୩୬ ରୁ ୧୦୦ ଦିନ ମଧ୍ୟରେ ପ୍ରତି ୧୦ ଦିନରେ ଥରେ ଓ . ବିଶେଷ ବୃଦ୍ଧି ସମୟ- ୧୦୧ ରୁ ୨୭୦ ଦିନ ମଧ୍ୟରେ ପ୍ରତି ୭ ଦିନରେ ଥରେ ଜଳସେଚନ କରନ୍ତୁ ।

❖ ଗଛମୂଳ ଓଦା ରହିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଳି ଗୁଡିକୁ ଆଛାଦ କରନ୍ତୁ । ଗ୍ରୀଷ୍ମ ଋତୁରେ ଜଳାବାବରୁ ଫସଲକୁ ରକ୍ଷା କରିବା ପାଇଁ ଶତକଡା ୪ ଭାଗ(ଏକ ଲିଟର ପାଣିରେ ୪୦ ଗ୍ରାମ୍ ହିଲାବରେ) ପଟାସ୍ ସାର ପତ୍ରସିଂଚା କରନ୍ତୁ ।

❖ ଆଖୁରେ ସଅଳ କାଣ୍ଡବିନ୍ଧାପୋକ ଲାଗିବାର ସମୟ ଆସିଯାଇଛି । ତେଣୁ ଶତକଡା ୧୫ ରୁ ୨୦ ଭାଗରୁ ଅଧିକ ମଲାମଞ୍ଜ ଦେଖାଗଲେ କୋଡା ଖୁସା କରି ଏକର ପ୍ରତି ଫୋରେଟ୍ ୪ କିଗ୍ରା କିମ୍ଵା କାର୍ବୋଫ୍ୟୁରାନ୍ ୧୨ କିଗ୍ରା କିମ୍ବା କାର୍ଟାପ୍ ଦାନାଦାର ୧୦ କିଗ୍ରା ଦେଇ ହୁଡା ଟେକି ଦିଅନ୍ତୁ କିମ୍ବା ଏକର ପ୍ରତି ୪୦୦ ମିଲି ଟ୍ରାୟୋଜୋଫସ୍ କିମ୍ବା ପ୍ରୋଫେନଫସ୍ ଏକର ପ୍ରତି ୪୦୦ ମିଲି ସ୍ପ୍ରେ କରନ୍ତୁ ।

## ଖରାଟିଆ ମୁଗ ଓ ବିରି

❖ ବର୍ଷା ଯୋଗୁଁ ମୁଗରେ ଲାଲ ସମ୍ବାଳୁଆ ଓ ଧୂଆଁପତ୍ର ପୋକ ଦେଖା ଯାଇଥିଲେ, ଏହର ଦମନ ପାଇଁ ଏକର ପ୍ରତି ୮ କିଗ୍ରା ମେଟାସିଡ୍ କିମ୍ବା କ୍ଲୋରୋପାଇରିଫସ୍ ଗୁଣ୍ଡ ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ । କିମ୍ବା ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ପ୍ରୟୋଗ କରି ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରିବ ।

❖ ବର୍ଷା ପରେଁ କାଳି ମୁଣ୍ଡି ପୋକର ଦମନ ପାଇଁ ହୁଡା ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ । ଉପରବେଳା ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍ପ୍ରୟୋଗ କରି ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରିବ ।

❖ ବର୍ତ୍ତମାନ ପାଗରେ ଖରାଟିଆ ମୁଗ ଫସଲରେ ସାହେବୀ ରୋଗ ଲାଗିବାର ଦେଖାଯାଇଛି । ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ମିଥାଇଲ୍ ପାରାଥିଅନ୍ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

❖ ଫିମ୍ପି ଜାତୀୟ ପତ୍ରପୋଡା ରୋଗର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ଇଣ୍ଡୋଫିଲ୍-ଏମ୍-୪୫ ମିଶାଇ ସିଂଚନ କରନ୍ତୁ ।

## ଖରାଟିଆ ସୂର୍ଯ୍ୟମୁଖୀ

❖ ତାପମାତ୍ରା ବଢ଼ିବାର ସମ୍ଭାବନା ଥିବାରୁ ଜଳସେଚନ କରନ୍ତୁ ।

## ଚିନାବାଦାମ୍

❖ ଦିନର ତାପମାତ୍ରା ବଢ଼ିବାଯୋଗୁଁ ଚିନାବାଦାମରେ ସର୍କୋସ୍ପରା ଜନିତ ପତ୍ରଦାଗ ରୋଗ ଲାଗିବା ଦେଖାଯାଇପାରେ। ଏହାର ଦମନ ପାଇଁ ଏକର ପ୍ରତି ୬୦୦ ଗ୍ରାମ୍ ମାଙ୍କୋଜେବ୍ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚା କରନ୍ତୁ। ଏହା ଅଲଟରନାରିଆ ଜନିତ ପତ୍ରପୋଡା ରୋଗ କୁ ମଧ୍ୟ ନିୟନ୍ତ୍ରମ କରିବ ।

❖ ଯେ କୌଣସି ପତ୍ରଖିଆ ପୋକ ଓ ଉକୁଣିଆ ପୋକର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୨୦ ମିଲି ଏଣ୍ଡୋସଲ୍ଫାନ୍ କିମ୍ବା ୫ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଂଚନ କରନ୍ତୁ ।

❖ ମୁକୁଳ ପତ୍ରପୋଡା ରୋଗର ନିୟନ୍ତ୍ରଣପାଇଁ ପ୍ରତି ୧୦ ଲିଟର ପାଣିରେ ୧୫ ଗ୍ରାମ୍ ବାଭିଷ୍ଟିନ୍ ସହିତ ୫ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଂଚନ କରନ୍ତୁ ।

❖ ଟୀକା ରୋଗର ଦମନ ପାଇଁ ଏକର ପ୍ରତି ୫୦୦ ଗ୍ରାମ୍ ବ୍ଲାଇଟକ୍ସ - ୫୦ ସେଚିତ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ ।

❖ ବର୍ଷା ଓ ତାପମାତ୍ରା ବଢୁଥିବାରୁ କେତେକ ସ୍ଥାନରେ ବୀଜାଣୁ ଜନିତ ଝାଉଁଳା ରୋଗ ଦେଖାଯାଉଛି । ଏଥିପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ମୂଳକୁ ସିଂଚନ କରନ୍ତୁ ।

## ସବୁଜ ଗୋଖାଦ୍ୟ ଫସଲ

❖ କେନାଲର ତଳମୁଣ୍ଡିଆ ଅଂଚଳରେ ବା ଅନ୍ୟ କୌଣସି ଜଳସେଚନର ସୁବିଧା ଥିବା ଅଂଚଳରେ ସବୁଜ ଗୋଖାଦ୍ୟ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ସମୟରେ ମକା ବରଗୁଡିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ପାଇଁ ଉପଯୁକ୍ତ ଅଟେ ।

❖ ଶେଷ ଓଡ ଚାଷ ବେଳେ ଏକର ପ୍ରତି ୫ ଗାଡି ସଢା ଗୋବର ଖତ ଦିଅନ୍ତୁ ଓ ୪୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୪୦ କିଗ୍ରା ପଟାସ ପ୍ରୟୋଗ କରନ୍ତୁ । ଏହି ସମୟରେ ଏକର ପ୍ରତି ଶତକଡା ୧.୫ ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ ।

❖ ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ଓ ବରଗୁଡିର ଇସି ୪୨୧୬ ।

❖ ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦ କିଗ୍ରା ମକା ବିହନ ଓ ୨୦ କିଗ୍ରା ବରଗୁଡି ବିହନ ଦରକାର ହୋଇଥାଏ ।

❖ ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ଦୁଇ ଧାଡି ମକା ପରେ ୨ ଧାଡି ବରଗୁଡି ବୁଣନ୍ତୁ ।

❖ ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ ।

## ବିଶେଷ ସୂଚନା

### କଣ କରିବେ?

୧. କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଯାଇଥିବାରୁ ଜମିର ଅବସ୍ଥା ଦେଖି ଖରାଦିନିଆ ହଳ କରନ୍ତୁ ।

୨. ସଅଳ ଲଗାଯାଇଥିବା ଡାଲୁଅ ଧାନ ପାଚିଯାଇଥିଲେ ଯଥା ଶୀଘ୍ର କାଟି ନିରାପଦ ସ୍ଥାନକୁ ଆଣି ରଖନ୍ତୁ ଓ ଅମଳ କରିଦିଅନ୍ତୁ । ନଚେତ୍ ଉପରବେଳା ଅଦିନିଆ ମେଘ, ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ନଷ୍ଟ ହୋଇଯାଇପାରେ ।

୩. କୋରାପୁଟ, ଫୁଲବାଣୀ ଓ କେଉଁଝରରେ ଅଦିନିଆ କୋବି ଚାଷ ପାଇଁ ତଳିଘରାରେ ତଳି ପକାନ୍ତୁ ଓ ଅଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରା ଉପରେ ଛାମୁଣ୍ଡିଆ କରନ୍ତୁ କିମ୍ବା ବାୟୁଚାଳିତ ପଲି ହାଉସ୍‌ରେ ତଳିଘରା କରନ୍ତୁ ।

୪. ବର୍ତ୍ତମାନ ପାଗରେ କଖାରୁ ଓ କଲରାରେ ଫଳମାଛି ଲାଗିବାର ଦେଖାଯାଉଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ଏଣ୍ଡୋସଲ୍ଫାନ କିମ୍ବା ୩ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଂଚନ କରନ୍ତୁ ।

୫. ମଧୁର ନଳିତା ଅପ୍ରେଲ୍ ଶେଷ ପର୍ଯ୍ୟନ୍ତ ଓ ମେ ମାସ ମଧ୍ୟରେ ପିତା ନଳିତାର ବୁଣାକାମ କରନ୍ତୁ ।

୬. ସଅଳ ବୁଣା ଯାଇଥିବା ଖରାଟିଆ ମୁଗ ଛୁଇଁ ପାକଳ ହୋଇଯାଇଥିଲେ ଉପରବେଳା ଅଦିନିଆ ମେଘ, ବର୍ଷା ଓ ପବନରୁ ରକ୍ଷା ପାଇବା ପାଇଁ ଯଥା ଶୀଘ୍ର ଅମଳ କରିଦିଅନ୍ତୁ ।

୭. ବର୍ତ୍ତମାନ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ଫସଲରେ ସଂକଟ କାଳରେ ଅଧିକ ଜଳସେଚନର ଆବଶ୍ୟକତା ରହିଛି । ଏହି ସମୟରେ ପାଣିର ଅଭାବ ଦେଖାଗଲେ ଅମଳ ବହୁ ପରିମାଣରେ କମିଯାଏ । ତେଣୁ ଉଭୟ ଧାନ ଓ ଅଣଧାନ ଫସଲର ସଂକଟ କାଳରେ ନିଶ୍ଚିତ ଭାବେ ଜଳସେଚନ କରନ୍ତୁ ।

୮. ନଡିଆ ଗଛ ଚାରିପଟେ (୧.୮ ମିଟର ବ୍ୟାସାର୍ଦ୍ଧ) ନଡିଆ ପତ୍ର ବିଛାଇ ଦିଅନ୍ତୁ ।

୯. କାଜୁ ଗଛରେ (୨ ବର୍ଷିଆ) ୧୫ ଦିନ ଅନ୍ତରରେ ଗଛ ପିଛା ୨୦ ରୁ ୨୫ ଲିଟର ପାଣି ଦିଅନ୍ତୁ । ନୂଆ କରି ଗଛ ଲଗାଉଥିଲେ ବାଷ୍ପୀକରଣ କ୍ଷମତା କମାଇବାପାଇଁ ମୂଳ ଚାରିପଟେ ଶୁଖିଲା ପତ୍ର ମଲଚିଂ ଆକାରରେ ଦିଅନ୍ତୁ ।

୧୦. ସୁବିଧା ଥିଲେ ଫଳବଗିଚା କିମ୍ବା ଅଧିକ ଚଉଡାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ ।

## କଣ କରିବେ ନାହିଁ

୧. ଛୋଟ ପୋଖରୀ ଗୁଡିକରେ ପାଣିର ଗଭୀରତା କମ୍ ଥିଲେ ଅର୍ଥାତ୍ ୧.୫ ମି ରୁ ୨ ମି ଗଭୀର ଥିଲେ ମାଛ ଅମଳ ନ କରି ପୋଖରୀରେ ଅଧିକ ଦିନ ରଖନ୍ତୁ ନାହିଁ ।

୨. କୁକୁଡାଘର ବା ଗୁହାଳର ଝରକାଗୁଡିକୁ ଅଖା ଦ୍ୱାରା ଘୋଡାଇ ମଝିରେ ମଝିରେ ପାଣି ସିଞ୍ଚନ କରିବାକୁ ଭୁଲନ୍ତୁ ନାହିଁ।

୩. ଖରାଦିନେ ଗାଈଗୋରୁଙ୍କୁ ଖରାପ ପିଇବା ପାଣି ଦିଅନ୍ତୁ ନାହିଁ ।

୪. ଉପରବେଳା ଅଦିନିଆ ମେଘ, ବର୍ଷା ଓ ପବନ ଯୋଗୁଁ ଧାନ ଫସଲ ନଷ୍ଟ ହେବାର ସମ୍ଭାବନା ଥିବାରୁ ଧାନ କାଟି ଜମିରେ ପକାଇ ରଖନ୍ତୁ ନାହିଁ ।

୫. ଧାନ କାଟିବା ବେଳେ ଜମିରେ ପାଣି ରଖନ୍ତୁ ନାହିଁ ।

## ଉଦ୍ୟାନ ଫସଲ

### ଭେଣ୍ଡି

❖ ବର୍ଷ ସାରା ଭଣ୍ଡି ଲଗାଯାଇପାରେ ।

❖ ଉନ୍ନତ କିସମ ବିହନ ଲଗାନ୍ତୁ । ଯଥା ଉତ୍କଳ ଗୌରବ, ଅର୍କ ଅନାମିକା, ଉପହାର, ପର୍ବାଣୀ କ୍ରାନ୍ତି, ଏବଂ ହାଇବ୍ରିଡ୍ କିସମ ଯଥା- ବର୍ଷା . ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରୀୟ ମଧ୍ୟ ଲଗାଯାଇପାରିବ ।

❖ କିସମ ଅନୁସାରେ ଏକ ଏକର ପାଇଁ ୫ ରୁ ୬ କିଗ୍ରା ଉନ୍ନତ କିସମ ବିହନ ଓ ୧୨୫୦ ରୁ ୧୫୦୦ ଗ୍ରାମ୍ ସଙ୍କର କିସମ ବିହନ ଦରକାର ହୁଏ ।

❖ ଜମିକୁ ଗୁଣ୍ଡ ଚାଷ କରି ସମତୁଲ କରନ୍ତୁ ।

❖ ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ ଗାଡି (୫ ଟନ୍) ଗୋବର ଖତ ଦିଅନ୍ତୁ

❖ ବିହନ ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାର ଯଥା ୪୫ କିଗ୍ରା ଯବକ୍ଷାରଜାନ, ୨୫ କିଗ୍ରା ଫସଫରସ ଓ ୩୦ କିଗ୍ରା ପଟାସ) ସାର ଉନ୍ନତ କିସମ ପାଇଁ ଓ ୮୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୪୦ କିଗ୍ରା ପଟାସ) ସାର ସଙ୍କର କିସମ ପାଇଁ ପ୍ରୟୋଗ କରନ୍ତୁ ।

❖ ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ଉନ୍ନତ କିସମ ବିହନ ଓ ଧାଡିକୁ ଧାଡି ୬୦ ସେମି ଓ ଗଛକୁ ଗଛ ୪୫ ସେମି ବ୍ୟବଧାନରେ ସଙ୍କର କିସମ ବିହନର ମଞ୍ଜିକୁ ୩ ସେମି ଗଭୀରରେ ପୋତନ୍ତୁ ।

### ହଳଦୀ

❖ ହଳଦୀ ମଇ ଓ ଜୁନ୍ ମାସରେ ଲଗାଯାଏ ।

❖ ରୋମା ସୁରମା, ରଙ୍ଗ ଓ ରଶ୍ମୀ ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟପାଇଁ ଉପଯୁକ୍ତ ।

❖ ଏକ ଏକର ପାଇଁ ୮ ରୁ ୧୦ କୁଇଣ୍ଟାଲ୍ ହଳଦୀ ଦରକାର ହୁଏ । ଏହି ଖଣ୍ଡ ଗୁଡିକୁ ୨-୩ ଟି ଆଖି ଥାଇ ୨୦ ରୁ ୨୫ ଗ୍ରାମ୍ ଓଜନର ହଳଦୀ ପୁଆଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ ।

- ❖ ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, ୧୫ ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ୱା ରଖି ପଟାଳୀମାନ କରନ୍ତୁ ।

**ଅଦା**

- ❖ ଉଭୟ ଅପ୍ରେଲ ଓ ମଇ ମାସରେ ଅଦା ଲଗାଯାଏ ।
- ❖ ସୁପ୍ରଭା, ସୁରୁଚି ଓ ସୁରଭି ନାମରେ ତିନୋଟି ଅଦା କିସମ ଆମ ରାଜ୍ୟପାଇଁ ଉପଯୁକ୍ତ ।
- ❖ ଏକ ଏକର ପାଇଁ ୬ ରୁ ୮ କୁଇଣ୍ଟାଲ୍ ଅଦା ଦରକାର ହୁଏ । ଏହି ଖଣ୍ଡ ଗୁଡିକୁ ୨-୩ ଟି ଆଖି ଥାଇ ୧୫ ରୁ ୧୯ ଗ୍ରାମ୍ ଓଜନର ଅଦା ଖଣ୍ଡ ବିହନ ଆକାରରେ ଲଗାନ୍ତୁ ।
- ❖ ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, ୧୫ ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ୱା ରଖି ପଟାଳୀମାନ କରନ୍ତୁ ।
- ❖ ଲଗାହେବା ପୂର୍ବରୁ ବିହନକୁ ଶତକଡା ୦.୨୫ ମଙ୍କୋଜେବ ଓ ଶତକଡା ୦.୧୫ କାର୍ବେଣ୍ଡାଜିମ୍ ଏବଂ ଶତକଡା ୦.୦୫ ମାଲାଥିଅନ୍ ମିଶ୍ରିତ ଔଷଧ ପାଣିରେ ଅଧ ଘଣ୍ଟାଏ ବୁଡାଇ ରଖି ବିଶୋଧନ କରନ୍ତୁ । ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ।
- ❖ ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୨ ଗାଡି (୬ ଟନ୍) ଗୋବର ଖତ ଦିଅନ୍ତୁ ଓ ଲଗାଇବା ପରେ ସିଆର ଓ ପଟାଳୀରେ ୧୨ ଗାଡି ଗୋବର ଖତ ଦିଅନ୍ତୁ ।
- ❖ ଅଦା ଲଗାଇବାବେଳେ ଏକ ଏକର ପ୍ରତି ଅନୁମୋଦିତ ସାରର (୫୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ ଓ ୪୦ କିଗ୍ରା ପଟାସ) ସାରକୁ ତିନି ଥରରେ ପ୍ରୟୋଗ କରନ୍ତୁ ।
- ❖ ମୂଳ ସାର ଭଲଭାବେ ପଟାଳୀର ଉପର ମାଟିରେ ମିଶେଇବା ପରେ ଅଦାକୁ ଧାଡିକୁ ଧାଡି ୨୫ ସେମି ଦୁରତା ରଖି ୫ ସେମି ଗଭୀରରେ ଲଗାନ୍ତୁ ।
- ❖ ଅଦା ଲଗାଇବାପରେ ପଟାଳୀ ମାନଙ୍କରେ ଶୁଖିଲା ନଡା ଆଦିକୁ ମଲ୍ଚିଙ୍ଗ ରୂପେ ବ୍ୟବହାର କରନ୍ତୁ

**ପନିପରିବା**

- ❖ ଲେଉଟିଆ ଶଗରେ ନିୟମିତ ପାଣି ମଡାଇଲେ ୪ ମାସ ପର୍ଯ୍ୟନ୍ତ ଶାଗ କଟା ଯାଇପାରିବ । ବୁଣିବାର ମାସକ ପରେ କାଡିବା ଆରମ୍ଭ ହୋଇଥାଏ ।
- ❖ ପନିପରିବା ଫସଲରେ ଅଷ୍ଟପଦିର ନିଯନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୪ ମିଲିକାଲଥେନ୍ କିମ୍ୱା ଡାଇକୋଫେନ୍ ମିଶାଇ ସିଂଚନ କରନ୍ତୁ ।
- ❖ ପନିପରିବା ଫସଲରେ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବା ଯୋଗୁଁ ବାଇଗଣରେ ଫଳପଚା ରୋଗ ହେବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।
- ❖ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବା ଯୋଗୁଁ ବାଇଗଣରେ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି । ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ଇଣ୍ଡୋଫିଲ୍ -ଏମ୍ ୪୫ କିମ୍ୱା ୧.୫ ଗ୍ରାମ୍ ଟପ୍ସିନ୍-ଏମ୍ ମିଶାଇ ସିଂଚନ କରନ୍ତୁ ।
- ❖ ବର୍ତ୍ତମାନ ପାଗରେ ଲଙ୍କା ଏବଂ କାପ୍ସିକମ୍ ଫସଲରେ ଉକୁଣିଆ ପୋକ ଲାଗିବାର ଦେଖାଯାଇଛି । ଏହାର ଦମନ ପାଇଁ ପ୍ରତି ଲଟିର ପାଣିରେ ୩୦୦ ମିଲି ଇଥିଅନ୍ କିମ୍ୱା ୪୦୦ ମିଲି କାର୍ବୋସଲଫାନ୍ କିମ୍ୱା କ୍ଲୋରୋପାଇରିଫସ୍ କିମ୍ୱା ଟ୍ରାୟୋଜୋଫସ ମିଶାଇ ସିଞ୍ଚନ କରନ୍ତୁ ।
- ❖ ବର୍ତ୍ତମାନ ପାଗରେ ବାଇଗଣରେ ଫଳ ଓ କାଣ୍ଡ ବିନ୍ଧା ପୋକ ଲାଗିବାର ଦେଖାଯାଇଛି । ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ୱା ୩୦୦ ପିପିଏମ୍ ନିମ୍ବ ଜାତ କୀଟନାଶକ ବିଷକୁ ଏକର ପ୍ରତି ୧

ଲିଟର ହିସାବରେ ପ୍ରୟୋଗ କରନ୍ତୁ । ଏହା ଛଡା ଏହି ପୋକର ଦମନ ପାଇଁ ସଙ୍ଗ ଏକର ପ୍ରତି ୫ଟି ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ମିଶାଇ ସିଚନ କରନ୍ତୁ ।

- ❖ ଅପ୍ରେଲ୍ ମାସରେ କାଙ୍କଡ ଲଟାକୁ କାଟି ଚେର ହେବାପାଇଁ ନର୍ସରୀରେ ଲଗାନ୍ତୁ ।
- ❖ କଖାରୁ ଲଗାଇବାବେଳେ ମନ୍ଦାରେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ । ଯୋଦ୍ୱାରେ ନାଲି କଖାରୁ ପୋକକୁ ନିୟନ୍ତ୍ରଣ କରାଯାଇ ପାରିବ ।

**ପୋଟଳ**

- ❖ ପୋଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚିତ । କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ, ଏହାଦ୍ୱାରା ଫଳଗୁଡିକ ମାଟି ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ ।
- ❖ ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ପ୍ରୟୋଗ କରି ଜଳସେଚନ କରନ୍ତୁ ।
- ❖ ତାପମାତ୍ରା ଅଧିକ ଥିବାଯୋଗୁଁ ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବାର ଦେଖାଯାଇଛି । ଏହାର ଦମନପାଇଁ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣରୁ ୧ ଗ୍ରାମ୍ ହିସାବରେ ମିଶାଇ ମୂଳ ମାଟି ଭଲ ଭାବରେ ଭିଜାଇ ଦିଅନ୍ତୁ ।

**ଗେଣ୍ଡୁ**

- ❖ ଆଗରୁ ଲଗାଯାଇଥିବା ଗେଣ୍ଡୁ ୩୦ ଦିନର ହୋଇଯାଇଥିଲେ କୋଡା ଖୁସା ଓ ଘାସ ବଛା ସାରି ଏକର ପ୍ରତି ୪୦ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

**ରଜନୀଗନ୍ଧା**

- ❖ ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ ଦିନର ହୋଇଯାଇଥିଲେ ଏକର ପ୍ରତି ୮୫ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।
- ❖ ରଜନୀଗନ୍ଧା ମେ ମାସ ପର୍ଯ୍ୟନ୍ତ ଲଗାଯାଏ । କୋଲକାତା ସିଙ୍ଗଲ୍, ଶ୍ରୀଙ୍ଗାର, କୋଏମ୍ବାଟୁର ସିଙ୍ଗଲ ଓ ସୁହାସିନି (ଡବଲ) ଆଦି କିସମ ଲଗାନ୍ତୁ ।
- ❖ ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦ କିଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସଫରସ ଓ ୮୦ କିଗ୍ରା ପଟାସ ସାର) ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସପରସ ଓ ପଟାସ ସାର ପ୍ରୟୋଗ କରନ୍ତୁ ।
- ❖ ଏକର ପ୍ରତି ପ୍ରାୟ ୪୦, ୦୦୦ କନ୍ଦା ଆବଶ୍ୟକ ହୋଇଥାଏ । କନ୍ଦା ଗୁଡିକ ୨.୫ ସେମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର । ଶୀତଳ ଭଣ୍ଡାରରେ ୪-୫ କିଗ୍ରା ସେଲସିଅସରେ ରିହଥିବା କନ୍ଦା ଗୁଡିକ ଭଲ ଗଜା ହୋଇଥାଏ ।
- ❖ ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦ କିଗ୍ରା ନିମ୍ବପିଡିଆ ପ୍ରୟୋଗ କରନ୍ତୁ ।
- ❖ କନ୍ଦା ଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦିଅନ୍ତୁ । ଧାଡିକୁ ଧାଡି ୩୦ ସେମି କନ୍ଦାକୁ କନ୍ଦାକୁ ୩୦ ସେମି ବ୍ୟବଧାନରେ ଲଗାନ୍ତୁ ।

**ଗ୍ଲାଡିଓଲସ୍**

- ❖ ଗଛଗୁଡିକ ଶୁଖିଗଲାପରେ କନ୍ଦଗୁଡିକୁ ଅମଳ କରି ଭଲଭାବରେ ସଫା କରିଦିଅନ୍ତୁ । କନ୍ଦଗୁଡିକୁ ଶତକଡା ୦.୨ ଭାଗ କାର୍ବେଣ୍ଡାଜିମ୍ ରେ ଗୋଳାଇ ଛାଇରେ ଶୁଖାଇ ଦିଅନ୍ତୁ । ଏକ ସପ୍ତାହ ପରେ କନ୍ଦ ଗୁଡିକୁ କନାମୁଣା କିମ୍ବା ଅଖାରେ ରଖି ଶୀତଳ ଭଣ୍ଡାରରେ ରଖନ୍ତୁ ।

## କାଜୁ

- କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ ଭାଗ ବକଳ ଗୋଲେଇକରି ଛିଡାଇ ଦିଅନ୍ତୁ ଏବଂ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟସ (ଶତକଡା ୦.୦୫ ଭାଗ) ପ୍ରୟୋଗ କରନ୍ତୁ ।
- ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମଥାଇଲ୍ ଡିମେଟନ୍ ସିଞ୍ଚନ କରନ୍ତୁ ।
- ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ ।
- ଗଛ ପ୍ରତି ୧୦-୨୦ କିଗ୍ରା ଖତ, ୭୫୦ ଗ୍ରାମ୍ ଯବକ୍ଷାରଜାନ, ୧୨୫ ଗ୍ରାମ୍ ଫସଫରସ ଏବଂ ୧୨୫ ଗ୍ରାମ୍ ପଟାସ ସାର ପ୍ରୟୋଗ କରନ୍ତୁ । ପ୍ରତି ଗଛରେ ୨୦ ରୁ ୨୫ ଲିଟର ପାଣି ଦିଅନ୍ତୁ ।

## ପଶୁ ସମ୍ପଦ

- ଖରାଦିନେ ଗାଇଗୋରୁଙ୍କର ପିଇବା ପାଣି ପ୍ରତି ଧ୍ୟାନ ଦିଅନ୍ତୁ ।
- କୁକୁଡା ଘର ଓ ଗୁହାଳ ଘର ଗୁଡିକୁ ଛାଇ କରିବା ପାଇଁ ଛାତରେ କଞ୍ଚା ଡାଳ ଥିବା ନଡିଆ ବାହୁଙ୍ଗା, ଜାମୁଡାଳ ଆଛାଦନ କରି ଚାଇ କରନ୍ତୁ ।
- କୁକୁଡାଘର ବା ଗୁହାଳର ଝରକା ଗୁଡିକୁ ଅଖା ଦ୍ୱାରା ଘୋଡାଇ ଦିଅନ୍ତୁ ଓ ମଝିରେ ମଝିରେ ପାଣି ସିଞ୍ଚନ କରନ୍ତୁ ।
- କ୍ଷୀର ଦେବା ଗାଇଙ୍କୁ (୨ ଲିଟର) ଏକ କିଗ୍ରା ଦାନା ସହିତ ୫୦ ଗ୍ରାମ୍ ଖଣିଜ ଲବଣ ଦିଅନ୍ତୁ ।
- ଗାଈଗୋରୁଙ୍କୁ ଚରିବାକୁ ଛାଡିବା ପୂର୍ବରୁ ଯଥେଷ୍ଟ ପିଇବା ପାଣି ଓ ପେଜ ତୋରାଣି ପିଇବାକୁ ଦିଅନ୍ତୁ । ସେମାନଙ୍କୁ ବଡି ସକାଳୁ କିମ୍ୱା ବିଳମ୍ବ ଅପରାହ୍ନରେ ଚରିବାକୁ ଛାଡନ୍ତୁ । ଗଛ ଛାଇଥିବା ସ୍ଥାନ ମାନଙ୍କରେ ଚରିବାକୁ ଛାଡନ୍ତୁ ।
- ଗାଇଗୋରୁଙ୍କୁ ପ୍ରତିଦିନ ଥରେ କିମ୍ୱା ଆବଶ୍ୟକ ସ୍ଥଳେ ଦୁଇ ଥର ଗାଧୋଇ ଦିଅନ୍ତୁ ।
- ଗାଇଗୋରୁଙ୍କ ପାଇଁ ଆଜୋଲା ଚାଷ କରନ୍ତୁ । ଅର୍ଥାତ୍ ଆଜୋଲାକୁ ଗୋଖାଦ୍ୟ ରପେ ବ୍ୟବହାର କରନ୍ତୁ ।
- ୟୁରିଆ ମିଶ୍ରିତ ନଡା ଉପଚାର କରି ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ।

## ମତ୍ସ୍ୟ ସମ୍ପଦ

- ପୋଖତା ମାଛ ମାନଙ୍କୁ ୨୫ ରୁ ୩୦ ପ୍ରତିଶତ ପୁଷ୍ଟିସାରପୁରକ ଖାଦ୍ୟ ଗଚ୍ଛିତ ମାଛର ସମୂଦାୟ ଶରୀର ଓଜନର ୨ ପ୍ରତିଶତ ନିର୍ଦ୍ଧାରିତ ସମୟରେ ଓ ସ୍ଥାନରେ ପରିବେଷଣ କରନ୍ତୁ ।
- ପୋଖତା ମାଛପାଇଁ ଭାସମାନ ଖାଦ୍ୟ ଅଧିକ ଉପଯୁକ୍ତ ଅଟେ । ପ୍ରତି ଚାଷୀ ନିଜ ଫାର୍ମରେ ଖାଦ୍ୟ ପ୍ରସ୍ତୁତ କରି ପୋଖତା ମାଛକୁ ଖାଇବାକୁ ଦେବେ । ତେବେ ବାଦାମ ପିଡିଆ ଓ କୁଣ୍ଡା ସହିତ ୧ ପ୍ରତିଶତ ଭିଟାମିନ୍ ଓ ମିନେରାଲ୍ ମିଶ୍ରଣ ମୂଖ୍ୟତଃ ଭିଟାମିନ୍ ଇ.ଓ.ସି. ଖାଦ୍ୟରେ ପ୍ରୟୋଗ କଲେ ମାଛ ମାନଙ୍କର ପ୍ରଜନନଜନିତ କ୍ଷମତା ବୃଦ୍ଧି ପାଇଥାଏ ।
- ପ୍ରତି ମାସରେ ପୋଖରୀର ପାଣି ୨୦ -୨୫ ପ୍ରତିଶତ ପରିବର୍ତ୍ତନ କରିବା ଦ୍ୱାରା ମାଛମାନଙ୍କର ପ୍ରଜନନ ପାଇଁ ପରିପକ୍ୱତା ଶୀଘ୍ର ପ୍ରାପ୍ତ ହୋଇଥାଏ ଓ ମାଛ ପ୍ରଜନନ ପାଇଁ ଶୀଘ୍ର ପ୍ରସ୍ତୁତ ହୋଇଯାଆନ୍ତି ।
- ଛୋଟ ପୋଖରୀ ଗୁଡିକରେ ପାଣିର ଗଭୀରତା କମ୍ ଥିଲେ ଅର୍ଥାତ୍ ୧.୫ ମି ରୁ ୨ ମିଗଭୀର ଥିଲେ ମାଛ ଅମଳ କରିନିଅନ୍ତୁ । ମାଛର ଚାହିଦା ମୁତାବକ ମାଛକୁ ଥର ଥର କରି ଅମଳ କରନ୍ତୁ ।
- ବଡ ପୋଖରୀରେ ପାଣିର ଗଭୀରତା ୨ ମି ରୁ ଅଧିକ ଥିଲେ ମାଛ ଅମଳ କରନ୍ତୁ । ଏବଂ ଛୋଟ ମାଛ ଗୁଡିକୁ ପାଣିରେ ଛାଡିଦିଅନ୍ତୁ ।

## ବିଶେଷ ଦ୍ରଷ୍ଟବ୍ୟ

❖ କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିଷାନ କଲ୍ କେନ୍ଦ୍ରର ୧୫୫୧ ନମ୍ବରକୁ ଫୋନ୍ କରନ୍ତୁ ।

**ସୁରେନ୍ଦ୍ରନାଥ ପଶୁପାଳକ**
**କୃଷି ପାଣିପାଗବିତ୍, ଓୟୁଏଟି**